# NATIONAL NEWS BULLETIN (ODIA)
## 3 June - 2025
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଲଦାଖ ସିଭିଲ୍ ସର୍ଭିସ୍ ସଂଶୋଧନ ନିୟାବଳୀ ୨୦୨୫କୁ ପ୍ରଣୟନ କଲେ ରାଷ୍ଟ୍ରପତି ।
- ଭାରତ ଆତଙ୍କବାଦ ଏବଂ ପରମାଣୁ ଧମକ ଛାୟା ତଳେ ରହିବ ନାହିଁ ବୋଲି କହିଲେ ଭାରତୀୟ ସେନା ମୁଖ୍ୟ ।
- ଭୋପାଳ ଠାରେ ଏନ୍.ସି.ସି.ର ସ୍ୱତନ୍ତ୍ର ମିଳିତ ରାଜ୍ୟ ପ୍ରତିନିଧି ମଣ୍ଡଳୀ ସମ୍ମିଳନୀକୁ ଉଦ୍‌ଘାଟନ କଲେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ।
- ଅର୍ବାନ୍ ଆଡ୍ଡା ୨୦୨୫କୁ ଉଦ୍‌ଘାଟନ କଲେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଫାଇନାଲ୍ ମ୍ୟାଚ୍‌ରେ ଆଉ କିଛି ସମୟପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ।

– ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଲା ପଞ୍ଜାବ କିଙ୍ଗସ୍ ।

## ଲେହେ-ପ୍ରେଜ୍-ସିଭିଲ୍ ସର୍ଭିସ୍

ରାଷ୍ଟ୍ରପତି ଲଦାଖ ସିଭିଲ୍ ସର୍ଭିସ୍ ଡିସେଣ୍ଟ୍ରାଲାଇଜେସନ୍ ଆଣ୍ଡ ରିକ୍ରୁଟ୍‌ମେଣ୍ଟ ସଂଶୋଧନ ନିୟମାବଳୀ ୨୦୨୫କୁ ପ୍ରଣୟନ କରିଛନ୍ତି । କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖରେ ବିଭିନ୍ନ ପଦବୀରେ ନିଯୁକ୍ତି ପାଇବା ପାଇଁ ଅଧିବାସ ପ୍ରମାଣପତ୍ର ପ୍ରଦାନ ପାଇଁ ଏହି ନିୟମ ପ୍ରଣୟନ କରାଯାଇଛି । ଏହି ସଂଶୋଧିତ ନିୟମ  ୫ଟି ବର୍ଗର ବାସିନ୍ଦାଙ୍କ ନାମ ଉଲ୍ଲେଖ ରହିଛି । ଏଥିରେ ଲଦାଖ ବାସିନ୍ଦା ପ୍ରମାଣପତ୍ରଧାରୀ, ନିଯୁକ୍ତି କିମ୍ବା ବ୍ୟବସାୟ ଓ ଅନ୍ୟାନ୍ୟ ବୃତ୍ତିଗତ କାରଣରୁ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ବାହାରେ ରହୁଥିବା ସେମାନଙ୍କର ପିଲାମାନେ ଏବଂ ଲଦାଖରେ ୧୫ ବର୍ଷ ଧରି ବାସ କରୁଥିବା ବ୍ୟକ୍ତି ଏଥିରେ ଲାଭାନ୍ୱିତ ହେବେ । ଲଦାଖରେ ଅବସ୍ଥିତ ଏକ ଶିକ୍ଷାନୁଷ୍ଠାନରେ ୭ ବର୍ଷ ଧରି ଅଧ୍ୟୟନ କରିଥିବା ତଥା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ବ୍ୟକ୍ତି ମଧ୍ୟ ଏହି ଅଧିବାସ ପ୍ରମାଣପତ୍ର ପାଇବାକୁ ସଂଶୋଧିତ ନିୟମାବଳୀ ପ୍ରଣୟନ ଦ୍ୱାରା ଯୋଗ୍ୟ ବିବେଚିତ ହେବେ ବୋଲି ଏଥିରେ ଉଲ୍ଲେଖ ରହିଛି ।

# ଜାମ୍ମୁ-ପିଏମ୍ ର୍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶୁକ୍ରବାର ଦିନ କଟ୍ରାରୁ ବହୁ ପ୍ରତୀକ୍ଷିତ କଟ୍ରା-ଶ୍ରୀନଗର ରେଳ ଲାଇନ୍‌କୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ବିଶ୍ୱର ସର୍ବୋଚ୍ଚ ରେଳସେତୁ ଆଇକନିକ୍ ଚେନାବ୍ ସେତୁକୁ ମଧ୍ଧ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହା ବ୍ୟତୀତ ଶ୍ରୀ ମୋଦୀ  ରିଆସି ଜିଲ୍ଲାର ପ୍ରଥମ କେବୁଲ ଷ୍ଟେଡ୍ ରେଳସେତୁ ଅଞ୍ଜି ଖାଡ଼ା ସେତୁକୁ ମଧ୍ଧ ଲୋକାର୍ପଣ କରିବେ । ପରେ କଟ୍ରା ଷ୍ଟାଡିୟମ୍‌ରେ ଏକ ଜନସଭାକୁ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । କାଶ୍ମୀରରେ ଥିବା ରେଳସେବା କେବଳ ବାରାମୁଲାରୁ ରାମ୍‌ବାନ୍ ଜିଲ୍ଲାର ସଂଗଲଦାନ ପର୍ଯ୍ୟନ୍ତ ସୀମିତ ରହିଥିଲା । କର୍ତା-ଶ୍ରୀନଗର ରେଳ ସଂଯୋଗର ଉଦ୍‌ଘାଟନ ହେବା ପରେ କଟ୍ରା ଏବଂ ବାରମୁଖଲା ମଧ୍ଧରେ ରେଳସେବା ଉପଲବ୍ଧ ହେବ । ଏକ ସାମାଜିକ ଗଣମାଧ୍ଧମରେ ପୋଷ୍ଟ କରି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଏହି ସେତୁକୁ ନୂତନ ଭାରତର ଜ୍ଞାନକୌଶଳରେ ନିର୍ମିତ ଇଞ୍ଜିନିୟରିଂ ଶକ୍ତି ଦ୍ୱାରା ନିର୍ମାଣ କରାଯାଇଛି ।

# ସିଡିଏସ୍-ପାକ୍

ସେନା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ କହିଛନ୍ତି, ଭାରତ ଆତଙ୍କବାଦ ଏବଂ ପରମାଣୁ ଧମକ ଛାୟା ତଳେ ରହିବ ନାହିଁ । ପାକିସ୍ତାନକୁ ପ୍ରାୟୋଜିତ ଆତଙ୍କବାଦକୁ ବନ୍ଦ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଇସଲାମାବାଦର ପ୍ରକ୍ସି ଯୁଦ୍ଧ ଆଉ ସହ୍ୟ କରାଯିବ ନାହିଁ । ଜେନେରାଲ୍ ଚୌହାନ ସାବିତ୍ରି ବାଈ ଫୁଲେ ପୁନେ ବିଶ୍ୱବିଦ୍ୟାଳୟରେ ଭବିଷ୍ୟତ ଯୁଦ୍ଧ ଏବଂ ଯୁଦ୍ଧ ଉପରେ ଏକ ବକ୍ତୃତା ପ୍ରଦାନ କରିବା ଅବସରରେ ଏହା କହିଛନ୍ତି । ଭାରତୀୟ ସେନାର ନୂତନ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରି ଶ୍ରୀ ଚୌହାନ କହିଛନ୍ତି, ପହଲଗାମ ଆତଙ୍କବାଦ ଆକ୍ରମଣର ସଠିକ୍ ଜବାବ ଅପରେସନ ସିନ୍ଦୂର ମାଧ୍ୟମରେ ଭାରତ ଦେଇଛି । ଉରି ସର୍ଜିକାଲ୍ ଷ୍ଟ୍ରାଇକ୍ ୨୦୧୬, ବାଲାକୋଟ୍ ବିମାନ ଆକ୍ରମଣ ୨୦୧୯ ପରି ଅଭିଯାନ ଭାରତ ଆରମ୍ଭ କରି ଆତଙ୍କବାଦକୁ ମୁକାବିଲା କରିବା ପାଇଁ ତାର ରଣନୀତିର ପ୍ରମାଣ ଦେଇଛି ବୋଲି ସେ କହିଛନ୍ତି ।

# ଏମ୍ଓଏସ୍ ଡିଫେନ୍ସ-ଏନ୍‌ସିସି

ଭୋପାଳ ଠାରେ ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ସଂଜୟ ସେଠ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ – ଏନ୍.ସି.ସି.ର ସ୍ୱତନ୍ତ୍ର ମିଳିତ ରାଜ୍ୟ ପ୍ରତିନିଧି

ମଣ୍ଡଳୀ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀକୁ ସମ୍ପ୍ରସାରଣ କରାଯାଇ ତିନି ଲକ୍ଷ ଅତିରିକ୍ତ ସମର ଶିକ୍ଷାର୍ଥୀ ବାହିନୀ ସୃଷ୍ଟି କରାଯିବ ବୋଲି ଘୋଷଣା କରିଛନ୍ତି । ଶ୍ରୀ ସେଠ୍ ଏହି ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟର ସହଯୋଗ କାମନା କରିବା ସହିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଭିତ୍ତିଭୂମି ଏବଂ ଶକ୍ତିକୁ ବୃଦ୍ଧି କରିବା ପାଇଁ ରାଜ୍ୟମାନଙ୍କୁ ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏନ୍.ସି.ସି. ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ଗୁର୍‌ବୀରପାଲ ସିଂହ ଏନ୍.ସି.ସି.ର ଭବିଷ୍ୟତ ପନ୍ଥା ବିଷୟରେ ସୂଚନା ଦେଇଥିଲେ । ଯୁବକମାନଙ୍କୁ ଏନ୍.ସି.ସି.ରେ ଯୋଗଦେବା ପାଇଁ ସେ ଆହ୍ୱାନ କରିବା ସହ ଶିକ୍ଷାର୍ଥୀମାନଙ୍କୁ ପାରଦର୍ଶିତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଏନ୍.ସି.ସି.ର ଅତିରିକ୍ତ ଏବଂ ଉପ-ମହାନିର୍ଦ୍ଦେଶକମାନେ ମଧ୍ୟ ଯୋଗଦେଇଥିଲେ ।

## ମନସୁଖ ମାଣ୍ଡବ୍ୟ

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଅବ୍ରାନ୍ ଆଡ୍ଡା ୨୦୨୫କୁ ଉଦ୍‌ଘାଟନ କରିଛନ୍ତି । ଏହି ତିନି ଦିନିଆ ସମ୍ମିଳନୀରେ ଯୁବକ, ବିଶେଷଜ୍ଞ ଏବଂ ନେତାମାନଙ୍କୁ ଏକତ୍ର କରି ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ଗଠନ କରିବା ପାଇଁ ଆଲୋଚନା କରାଯିବ । ଏହି ଅବସରରେ

ଡକ୍ଟର ମାଣ୍ଡବ୍ୟ ସାଇକେଲ୍ ଚାଳନାକୁ ସର୍ବୋତ୍ତମ ବ୍ୟାୟମ ବୋଲି କହିବା ସହ ଏହା କେବଳ ଲୋକଙ୍କୁ ସୁସ୍ଥ ରଖେ ନାହିଁ ବରଂ ପରିବେଶଗତ ସ୍ଥିରତା ଆଣିବାରେ ସାହାଯ୍ୟ କରେ । ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଡକ୍ଟର ଭୈରବ ଯୋଶୀଙ୍କ ଦ୍ୱାରା ଲିଖିତ **ସାଇକେଲିଂ, ଚିଲ୍ଡ୍ରେନ୍ ଆଣ୍ଡ ସିଟିଜ୍** ତଥା ଡକ୍ଟର ଭୈରବ ଯୋଶୀ ଏବଂ ଆର୍. କୁଶ ପାରିକଙ୍କ ଦ୍ୱାରା ଲିଖିତ **ରୋଡ୍ ଟୁ ସାଇକେଲ୍ ଟୁ ସ୍କୁଲ୍’** ନାମକ ଦୁଇଟି ପୁସ୍ତକକୁ ଉନ୍ମୋଚନ କରିଥିଲେ । ଫିଟ୍ ଇଣ୍ଡିଆକୁ ପ୍ରୋତ୍ସାହିତ କରିବା ପାଇଁ ରବିବାର ସାଇକେଲ୍ ଚାଳନା ପ୍ରୟାସ ଦେଶ ବ୍ୟାପି ଏକ ଆନ୍ଦୋଳନରେ  ପରିଣତ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି । ସମସ୍ତଙ୍କୁ ପ୍ରତିଦିନ ସାଇକେଲ୍ ଚଳାଇବାକୁ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିଯାନରେ ଯୋଗଦାନ କରିବାକୁ କେନ୍ଦ୍ର ମନ୍ତ୍ରୀ ଅନୁରୋଧ କରିଥିଲେ ।

# ଅଲ୍ ପାର୍ଟି ଡେଲିଗେସନ୍

ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ନୂଆଦିଲ୍ଲୀ ଫେରିବା ପରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କୁ ଭେଟିଛନ୍ତି । ଅପରେସନ୍ ସିନ୍ଦୂର୍ ଅଧୀନରେ

ଭାରତର ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟର ଅଂଶସ୍ୱରୂପ ଏହି ପ୍ରତିନିଧି ମଣ୍ଡଳୀ ଆଲ୍‌ଜେରିଆ, ସାଉଦିଆରବ, କୁଏତ୍ ଏବଂ ବାହାରିନ ଆଦି ଦେଶ ସଫଳତାର ସହ ଗସ୍ତ କରି ଭାରତ ଫେରିଛି । ଡକ୍ଟର ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରତିନିଧି ମଣ୍ଡଳୀର ସଦସ୍ୟ ଥିବା କୂଟନୀତିଜ୍ଞ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା କହିଛନ୍ତି, ମନ୍ତ୍ରୀଙ୍କୁ ଆମେ ଆମର ମତାମତ ଏବଂ ସୂଚନା ପ୍ରଦାନ କରିଛି । ବୈଦେଶିକ ମନ୍ତ୍ରୀ ପ୍ରତିନିଧି ମଣ୍ଡଳୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆମେ ଆମର ସମସ୍ତ ଉଦ୍ଦେଶ୍ୟ ପୂରଣ କରିଛୁ ବୋଲି ଶ୍ରୀ ଶ୍ରୀଙ୍ଗଲା କହିଛନ୍ତି ।

## ବିଶ୍ୱ ତମାଖୁ ଦିବସ

ବିଶ୍ୱ ତମାଖୁ ନିଷେଧ ଦିବସ ସଚେତନତା କୁଇଜ୍ ୨୦୨୫ ପାଇଁ ମାଇ ଗଭ୍ ପ୍ଲାଟ୍‌ଫର୍ମରେ ୧୨ଟି ଭାଷାରେ ପ୍ରଶ୍ନମାନ ଉପଲବ୍ଧ ହେଉଛି । ଏହି କୁଇଜ୍ ପ୍ରତିଯୋଗିତାରେ ଇଂରାଜ, ହିନ୍ଦୀ, ଆସାମୀ, ବଙ୍ଗଳା, ଗୁଜରାଟୀ, କନ୍ନଡ, ତାମିଲ, ତେଲୁଗୁ, ମାଲାୟଲମ୍, ମରାଠୀ, ଓଡ଼ିଆ ଏବଂ ପଞ୍ଜାବୀ ଭାଷାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାଇ ଗଭ୍‌ରୁ ଏକ ଡିଜିଟାଲ୍ ପ୍ରମାଣପତ୍ର ମିଳିବ, ଯାହା ଏକ ସୁସ୍ଥ ତମାଖୁ ମୁକ୍ତ ଭାରତରେ ସେମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରିବ । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି

ପଦକ୍ଷେପ ଜାତୀୟ ଶିକ୍ଷାନୀତି ୨୦୨୦ର ଅଂଶସ୍ୱରୂପ ଅଟେ । ଯାହା ସ୍ଥାନୀୟ ଏବଂ ଆଞ୍ଚଳିକ ଭାଷାରେ ତମାଖୁର କ୍ଷୟକ୍ଷତିର ପ୍ରଭାବ ବିଷୟରେ ସାଧାରଣ ଲୋକଙ୍କୁ ଜ୍ଞାନ ପ୍ରଦାନ କରି ସଶକ୍ତ କରିବ । ଏହି କୁଇଜ୍ ମାଧ୍ୟମରେ ଅଂଶଗ୍ରହଣକାରୀ କିଶୋରମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ ବିଷୟରେ ସଚେତନତା କରାଯିବା ସହ ସେମାନେ ବୁଝିପାରୁଥିବା ଭାଷା ମାଧ୍ୟମରେ ତାଙ୍କୁ ଏଥିରେ ସୁଯୋଗ ପ୍ରଦାନ କରାଯାଉଛି ।

# ଦିଲ୍ଲୀପୁଲିସ୍-ସାଇବର

ଦେଶରେ ଘଟୁଥିବା ବିଭିନ୍ନ ବ୍ୟାଙ୍କ୍ ଠକେଇରେ ଜଡ଼ିତ ଏକ ସାଇବର ଅପରାଧୀ ଦଳକୁ ଦିଲ୍ଲୀ ପୁଲିସ୍ ଠାବ କରିଛି । ଏହି ମାମଲାରେ ୧୫ ଜଣଙ୍କୁ ଗିରଫ୍ କରାଯାଇଛି । ନକଲି ଋଣ କଲ୍‌ସେଣ୍ଟର ଏବଂ ଏକ ସୁଚିନ୍ତିତ ଦୁଷ୍କର୍ମ ଘଟାଉଥିବା ରାକେଟ୍‌କୁ ମଧ୍ୟ ପୁଲିସ୍ ଧରିବାରେ ସକ୍ଷମ ହୋଇଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଅପରାଧ ଶାଖାର ଡେପୁଟି ପୁଲିସ୍ କମିଶନର ଆଦିତ୍ୟ ଗୌତମ କହିଛନ୍ତି, ବ୍ରାଙ୍କ୍ କିଟ୍ ସଂଗ୍ରହ କରିବାରେ ଏବଂ ବିଭିନ୍ନ ବ୍ୟକ୍ତିଙ୍କୁ ପ୍ରଚୁର ପରିମାଣର ଟଙ୍କା ପ୍ରଦାନ କରି ସାଇବର ଠକେଇକୁ ସହଜ କରିବା ପାଇଁ ଏମାନେ ବିଭିନ୍ନ ନକଲି ଜ୍ଞାନକୌଶଳର ବ୍ୟବହାର କରୁଥିଲେ । ସେମାନଙ୍କୁ ଗିରଫ୍ କରି କ୍ରାଇମ୍‌ବ୍ରାଞ୍ଚ୍ ୫ କୋଟି ଟଙ୍କାର ଦେଣନେଣ କାରବାର ଚିହ୍ନଟ କରିଛି ।

# ଆଇପିଏଲ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଆଉ ଅଳ୍ପ ସମୟ ପରେ ଆଇପିଏଲ୍ କ୍ରିକେଟ୍‌ର ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଟସ୍ ଜିତି ଫିଲ୍ଡିଂ କରିବାକୁ ପଞ୍ଜାବ କିଙ୍ଗସ୍ ନିଷ୍ପତ୍ତି ନେଇଛି । ପଞ୍ଜାବ ଗତ ରବିବାର ଦିନ ଅନୁଷ୍ଠିତ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା । ଦୀର୍ଘ ୨ ମାସର ଏହି ଆଇପିଏଲ୍ କ୍ରିକେଟ୍ ମ୍ୟାଚ୍‌ର ଆଜି ଅନୁଷ୍ଠିତ ହେବାକୁ ଥିବା ଫାଇନାଲ୍‌ରେ ଦୁଇଦଳ ପ୍ରଥମ ଥର ପାଇଁ ଟାଇଟଲ୍ ହାସଲ କରିବାକୁ ପ୍ରାଣପଣେ ଉଦ୍ୟମ କରିବେ ।

ସୂଚନା ଯୋଗ୍ୟ ମ୍ୟାଚ୍ ପୂର୍ବରୁ ଉଦ୍‌ଭାସିତ ଆଲୋକମାଳାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିସିସିଆଇ ଅପରେସନ୍ ସିନ୍ଦୂରରେ ସାମିଲ ହୋଇଥିବା ଭାରତୀୟ ସେନାମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରିଥିବା ଜଣାପଡ଼ିଛି ।